# NATIONAL NEWS BULLETIN (ODIA)

## 05th March' 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ମଜବୁତ୍ କରିବା ନିମନ୍ତେ ଆଜି ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫିନ୍‌ଲାଣ୍ଡ ରାଷ୍ଟ୍ରପତି ।

- ବିବିଧ ଭୂ-ରାଜନୈତିକ ଓ ଅର୍ଥନୈତିକ ପ୍ରସଙ୍ଗକୁ ନେଇ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ ରାଇସିନା ବାର୍ତ୍ତାଳାପ-୨୦୨୬ ।

- ୩୭ଟି ରାଜ୍ୟସଭା ଆସନ ଲାଗି ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷଦିନ; ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ୍ ।

- ୨୭୫ ଆସନ ବିଶିଷ୍ଟ ନେପାଳୀ ସଂସଦ ନିର୍ବାଚନ ପାଇଁ ଆରମ୍ଭ ହେଲା ଭୋଟ୍‌ଗ୍ରହଣ ।

ଏବଂ

- ଆସି.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଦ୍ୱିତୀୟ ସେମିଫାଇନାଲ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଇଂଲଣ୍ଡ ।

## ମୋଦି - ଷ୍ଟବ୍ ଆଲୋଚନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫିନ୍‌ଲାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍ ଆଜି ଦ୍ୱିପକ୍ଷୀୟ ବୈଠକରେ ମିଳିତ ହେବେ । ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ସୁଦୃଢ଼ କରିବା ନିମନ୍ତେ ଆଲୋଚନା ହେବ । ଉଭୟ ନେତା ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ସମେତ ପାରସ୍ପରିକ ସ୍ୱାର୍ଥଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ମତ ବିନିମୟ କରିବେ । ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଫିନ୍‌ଲାଣ୍ଡ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ଭୋଜନର ଆୟୋଜନ କରିବେ । ସୂଚନାଯୋଗ୍ୟ, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଗତକାଲି ଚାରିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବା ପରେ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

# ରାଇସିନା ଡାଇଲଗ୍

ରାଇସିନା ବାର୍ତ୍ତାଳାପର ଏକାଦଶ ସଂସ୍କରଣ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି । ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଶ୍ରୀ ଆଲେକ୍‌ଜାଣ୍ଡାର ଷ୍ଟବ୍ ଏହି ବାର୍ତ୍ତାଳାପରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଏହା ହେଉଛି ଭାରତର ଭୂ-ରାଜନୈତିକ ଏବଂ ଭୂ-ଅର୍ଥନୈତିକ ସମେତ ବିବିଧ ପ୍ରସଙ୍ଗକୁ ନେଇ ବହୁପକ୍ଷୀୟ ବାର୍ଷିକ ସମ୍ମିଳନୀ । ୨୦୧୬ ମସିହାରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଅବ୍‌ଜରଭର ଗବେଷଣା ପ୍ରତିଷ୍ଠାନଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଆସୁଥିବା ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ଆହ୍ୱାନର ସଫଳ ମୁକାବିଲା ନେଇ ମତ ବିନିମୟ କରିଥା'ନ୍ତି ।

ଏହି ସମ୍ମିଳନୀରେ ଯୋଗଦେବା ଲାଗି ଭୁଟାନ୍‌ର ବୈଦେଶିକ ବ୍ୟାପାର ଓ ବହିର୍ବାଣିଜ୍ୟ ମନ୍ତ୍ରୀ ଦିନାନାଥ ଧୁଙ୍ଗ୍ୟେଲ୍ ଏବଂ ମାଲ୍‌ଟାର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀ ମାଲ୍‌ଟା ୟାନ୍ ବୋର୍ଗ ନୂଆଦିଲ୍ଲୀରେ ପହଞ୍ଚି ସାରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଭାରତ ଓ ଭୁଟାନ ମଧ୍ୟରେ ଭାଗିଦାରୀ ଗଭୀର ଆପୋଷ ବିଶ୍ୱାସ ଓ ସଦିଚ୍ଛା ଉପରେ ଗଢ଼ି ଉଠିଛି । ଶ୍ରୀ ଧୁଙ୍ଗ୍ୟେଲ୍‌ଙ୍କ ଏହି ଗସ୍ତଦ୍ୱାରା ଦୁଇଦେଶ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହନ ମିଳବ ବୋଲି ସେ ଆଶାବ୍ୟକ୍ତ

କରିଛନ୍ତି । ସେହିଭଳି ଭାରତ ଓ ମାଲ୍ଟା ମଧ୍ୟରେ ଏଲକ ବନ୍ଧୁତ୍ୱପୂର୍ଣ୍ଣ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ରହିଥିବାବେଳେ ଦୁଇଦେଶ ମଧ୍ୟରେ ଜନସମ୍ପର୍କ ମଧ୍ୟ ସଶକ୍ତ ରହିଛି ବୋଲି ଶ୍ରୀ ଜୟଶ୍ୱାଲ୍ ଉଲ୍ଲେଖ କରିଛନ୍ତି ।

## ରାଜ୍ୟସଭା ଇଲେକ୍ସନ୍

ଓଡ଼ିଶା ସମେତ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ଲାଗି ଆଜି ପ୍ରାର୍ଥୀପତ୍ର ପତ୍ର ଦାଖଲର ଶେଷ ଦିନ । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ୍ କରାଯିବା ସହିତ ୯ ତାରିଖରେ ପ୍ରତ୍ୟାହାର ଲାଗି ଦିନଧାର୍ଯ୍ୟ କରାଯାଇଛି । ଏହି ପର୍ଯ୍ୟାୟରେ ମହାରାଷ୍ଟ୍ରର ୭ଟି, ତାମିଲ୍ନାଡୁର ୬ଟି, ବିହାର ଓ ପଶ୍ଚିମବଙ୍ଗରୁ ୫ଟି ଲେଖାଏଁ, ଓଡ଼ିଶାରୁ ୪ଟି, ଆସାମରୁ ୩ଟି, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାରୁ ୨ଟି ଲେଖାଏଁ ଏବଂ ହିମାଚଳ ପ୍ରଦେଶରୁ ଗୋଟିଏ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏହି ନିର୍ବାଚନ ଲାଗି ଗତମାସ ୨୬ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇଥିଲାବେଳେ ଆସନ୍ତା ୧୬ ତାରିଖରେ ଭୋଟ୍ଗ୍ରହଣ କରାଯିବ ।

## ତେଲଙ୍ଗାନା ସି.ଏମ୍. - ଅମିତ ଶାହା

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ’ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଅଧିକ ସଂଖ୍ୟା ଆଇ.ପି.ଏସ୍. ଅଧିକାରୀ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ଗତରାତିରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଏହି ଅନୁରୋଧ କରାଯାଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି, ହାଇଦ୍ରାବାଦ, ସାଇବରାବାଦ ଏବଂ ମାଲ୍‌କାଜଗିରି ପୋଲିସ କମିଶନରେଟ୍ ଏବଂ ପ୍ରସ୍ତାବିତ ଫ୍ୟୁଚର୍ ସିଟି କମିଶନରେଟ୍‌ପାଇଁ ପ୍ରଶାସନିକ କାରଣରୁ ଅଧିକ ସଂଖ୍ୟକ ଭାରତୀୟ ପୁଲିସ୍ ସେବା ଅଧିକାରୀ ଆବଶ୍ୟକ । ଏବେ ତେଲଙ୍ଗାନାରେ ୮୩ଟି ଆଇ.ପି.ଏସ୍. ପଦବୀ ରହିଥିବାବେଳେ ଏହି ସଂଖ୍ୟାକୁ ୧୦୫କୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ଅନୁରୋଧ କରିଛନ୍ତି । ବୈଠକରେ ମାଓବାଦୀଙ୍କ ଆତ୍ମସମର୍ପଣ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ଏୟାର ଇଣ୍ଡିଆ

ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଯୁଦ୍ଧଭଳି ପରିସ୍ଥିତି ଲାଗି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଭାରତୀୟ ନାଗରିକମାନଙ୍କୁ ଫେରାଇ ଆଣିବା ଲାଗି

ଏୟାର ଇଣ୍ଡିଆ ପକ୍ଷରୁ ଯୋଜନା କରାଯାଇଛି । ଏକ ଘୋଷଣା ମୁତାବକ ଆଜିଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଟରଣ୍ଟୋ, ଫ୍ରାଙ୍କ୍‌ଫର୍ଟ ଏବଂ ପ୍ୟାରିସ୍‌କୁ ଅଧିକ ୩ଟି ଲେଖାଏଁ ବିମାନ ଉଡ଼ାଣ କରିବ । ସୂଚନା ଅନୁଯାୟୀ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଦିଲ୍ଲୀ, କୋଚି ଏବଂ ମୁମ୍ବାଇକୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଉଡ଼ାଣ କରିବ । ଏଥିସହିତ ମସ୍କଟ୍‌ରୁ ଦିଲ୍ଲୀକୁ ମଧ୍ୟ ସ୍ୱତନ୍ତ୍ର ଉଡ଼ାଣ କରାଯିବ ।

ଅନ୍ୟପକ୍ଷରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଶଗୁଡ଼ିକରେ ରହୁଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନ ଲାଗି ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି । ସକାଳ ୯ଟାରୁ ରାତି ୯ଟା ମଧ୍ୟରେ ଏହି ନିୟନ୍ତ୍ରଣ କକ୍ଷକୁ ନିଃଶୁଳ୍କ ନମ୍ବର 1800-118-797 ବ୍ୟତୀତ 011-2301-2113, 011-2301-4104 ଏବଂ 011-2301-7905ରେ ଯୋଗାଯୋଗ କରାଯାଇପାରିବ । ଏଥିସହିତ ଭାରତୀୟଙ୍କର ସୁରକ୍ଷା ତଥା ସହାୟତା ଲାଗି ସମ୍ପୃକ୍ତ ଅଞ୍ଚଳରେ ଥିବା ଭାରତୀୟ ଦୂତାବାସଗୁଡ଼ିକରେ ୨୪ ଘଣ୍ଟିଆ ଜରୁରୀକାଳୀନ ହେଲ୍‌ପଲାଇନ ମଧ୍ୟ ସ୍ଥାପନ କରାଯାଇଛି ।

## ନେପାଳ ପୋଲିଂ

ନେପାଳରେ ଆଜି ସକାଳ ୭ଟାରୁ ସଂସଦୀୟ ନିର୍ବାଚନ ନିମନ୍ତେ ଭୋଟ୍‌ଗ୍ରହଣ ଆରମ୍ଭ ହୋଇଛି । ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଜାରି

ରହିବ । ନେପାଳରେ ଯୁବଗୋଷ୍ଠୀଙ୍କଦ୍ୱାରା ଗତବର୍ଷ ସେପ୍ଟେମ୍ବର ମାସରେ ବ୍ୟାପକ ବିରୋଧ ପ୍ରଦର୍ଶନ ଏବଂ ୭୭ ଜଣଙ୍କ ମୃତ୍ୟୁ ପରେ ସେଠାକାର ସରକାର ଗାଦିଚ୍ୟୁତ ହୋଇଥିଲେ । ୨୭୫ ଆସନ ବିଶିଷ୍ଟ ନେପାଳର ପ୍ରତିନିଧି ସଭାପାଇଁ ୧୯ ମିଲିୟନ୍ ଭୋଟର ମତଦାନ କରୁଛନ୍ତି । ସେଠାକାର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୧୬୫ ଜଣ ପ୍ରାର୍ଥୀ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବାକୁ ଥିବାବେଳେ ୧୧୦ ଜଣ ଆନୁପାତିକ ପ୍ରତିନିଧିତ୍ୱ ଜରିଆରେ ନିର୍ବାଚିତ ହେବେ । ଗତବର୍ଷର ବିକ୍ଷୋଭ ପ୍ରଦର୍ଶନ ପରେ ପ୍ରାୟ ଏକ ମିଲିୟନ୍‌ରୁ ଅଧିକ ଯୁବ ଭୋଟର୍ ଚଳିତ ନିର୍ବାଚନରେ ମତଦାନ କରିବେ । ଏହି ନିର୍ବାଚନରେ ନେପାଳୀ କଂଗ୍ରେସ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବାବେଳେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ପ୍ରାର୍ଥୀମାନେ ପ୍ରମୁଖ ଦାବିଦାର ରହିଛନ୍ତି ।

## ଅମିତ୍ ଶାହା – ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଶ୍ରୀ ଶାହା ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ଆସନ୍ତାକାଲି ସକାଳେ କଟକ ମୁଣ୍ଡୁଳିସ୍ଥିତ ସି.ଆଇ.ଏସ୍.ଏଫ୍.ର ପ୍ରତିଷ୍ଠା ଦିବସରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣରେ ଜଟଣୀଠାରେ ଜାତୀୟ

ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରର ଭୁବନେଶ୍ୱର କ୍ୟାମ୍ପସ୍ ପାଇଁ ଭୂମିପୂଜନ କରିବେ । ପରେ ଭୁବନେଶ୍ୱରସ୍ଥିତ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଏୟାର ଇଣ୍ଡିଆ - ରିଫଣ୍ଡ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ମାଗଣା ପୁନଃନିର୍ଦ୍ଧାରିତ କିମ୍ବା ବାତିଲ୍ ଉପରେ ଅର୍ଥରାଶି ସମ୍ପୂର୍ଣ୍ଣ ଫେରସ୍ତ ବିକଳ୍ପ ଘୋଷଣା କରାଯାଇଛି । ସାମାଜିକ ଗଣମାଧ୍ୟମରେ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି, ଗତ ଫେବୃୟାରୀ ମାସ ୨୮ ତାରିଖରୁ ଅଥବା ଏହା ପୂର୍ବରୁ ପଶ୍ଚିମ ଏସିଆ, ଯୁକ୍ତରାଜ୍ୟ ଏବଂ ୟୁରୋପ୍‌କୁ ଚଳିତ ମାସର ୧୦ ତାରିଖ ପର୍ଯ୍ୟନ୍ତ ଯାତ୍ରାପାଇଁ ଏହି ସୁବିଧା ଉପଲବ୍ଧ ହେବ । ପଶ୍ଚିମ ଏସିଆରେ ପରିସ୍ଥିତି ଉପରେ ନଜର ରଖିବା ସହ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଓ ସୁସ୍ଥତାପାଇଁ ପ୍ରତିବଦ୍ଧ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ।

# ୟୁ.ଏସ୍. - ସିନେଟ୍

ଆମେରିକାର ସିନେଟ୍ ରାଷ୍ଟ୍ରପତି ଡୋନାଲ୍ଡ ଟମ୍ପ୍‌ଙ୍କ ଇରାନ ବିରୋଧରେ ସାମରିକ ଅଭିଯାନକୁ ସମର୍ଥନ କରିଛି । ଗତକାଲି ରାତିରେ କଂଗ୍ରେସର ଅନୁମତି ବିନା ସାମରିକ ଅଭିଯାନ ବନ୍ଦ କରିବାପାଇଁ ଏକ ଦ୍ୱିପାକ୍ଷିକ ପ୍ରସ୍ତାବକୁ ସିନେଟରମାନେ ଅଗ୍ରାହ୍ୟ କରିବାକୁ ମତଦାନ କରିଥିଲେ । ସିନେଟ୍‌ରେ ୫୩ଟି ଭୋଟ୍ ମଧ୍ୟରେ ୪୭ଟି ଭୋଟ୍ ଏହି ପ୍ରସ୍ତାବ ବିପକ୍ଷରେ ଯାଇଥିଲା ।

# ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ଆମେରିକାର ଏକ ବୁଡ଼ାଜାହାଜ ଶ୍ରୀଲଙ୍କାର ଗେଲ୍ ଉପକୂଳରେ ଇରାନ୍‌ର ଏକ ଯୁଦ୍ଧପୋତ ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି । ଆମେରିକାର ପ୍ରତିରକ୍ଷା ସଚିବ ଏହି ବିଷୟ ସ୍ପଷ୍ଟ କରିଛନ୍ତି । ଭାରତ ମହାସାଗରରେ ଆକ୍ରମଣ ପରେ ଇରାନ୍‌ର ଏହି ଯୁଦ୍ଧପୋତ ବୁଡ଼ି ଯାଇଥିବା କୁହାଯାଇଛି । ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ଯୁଦ୍ଧପୋତରେ ୧୮୦ ଜଣ ନାବିକ ଥିଲେ । ସେମାନଙ୍କ ମଧ୍ୟରୁ ୮୦ଟି

ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୭୮ ଜଣ ଆହତ ହୋଇଥିବା କୁହାଯାଇଛି । ଇତିମଧ୍ୟରେ ଇସ୍ରାଏଲ୍ ବାସିଜ ଉପରେ ଆକ୍ରମଣ ଜାରି ରଖିଛି ।

# ଆଇ.ସି.ସି. - ଟି-ଟ୍ୱେଣ୍ଟି କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଆଜି ଦ୍ୱିତୀୟ ସେମିଫାଇନାଲ୍ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତକାଲି କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ୧୭୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୨ ଓଭର ୫ଟି ବଲ୍‌ରେ ମାତ୍ର ଗୋଟିଏ ୱିକେଟ୍ ହରାଇ ବିଜୟ ଲାଭ କରିଛି । ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ଶହେ ଅଣସ୍ତରି ରନ୍ ସ୍କୋର କରିଥିଲା । ଫିନ୍ ଆଲେନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।
ଆସନ୍ତା ୮ ତାରିଖ ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଆଜିର ବିଜେତା ସହ ନ୍ୟୁଜିଲାଣ୍ଡ ଫାଇନାଲ୍ ମ୍ୟାଚ୍ ଖେଳିବ ।

*****